## ଅକ୍ଟୋବର ୨୦୧୯
## ଏକ ଅସାଧାରଣ ମିଶନାରୀ ମାସ

୨୦୧୭ ମସିହା ଅକ୍ଟୋବର ୨୨ ତାରିଖ ବିଶ୍ୱ ମିଶନ ରବିବାରର ତ୍ରିସଂନ୍ଧ୍ୟା ବନ୍ଦନା ପ୍ରାର୍ଥନା ଅବସରରେ ପୂଣ୍ୟପିତା ଫ୍ରାନ୍‌ସିସ୍ ସମଗ୍ର ମଣ୍ଡଳୀରେ ଆସନ୍ତା ଅକ୍ଟୋବର ୨୦୧୯ ମିଶନ୍ ମାସକୁ ପୂଣ୍ୟପିତା ବେନେଡ଼ିକ୍ଟ ପଞ୍ଚଦଶଙ୍କ ଦ୍ୱାରା ପ୍ରଦତ୍ତ ପାଳକୀୟ ପତ୍ର *Maximum Illud* ର ଶହେତମ ପୂର୍ତ୍ତୀକୁ ଏକ ସ୍ୱତନ୍ତ୍ର ମିଶନ୍ ମାସ ରୂପେ ପାଳନ କରିବା ଅଭିପ୍ରାୟ ଘୋଷଣା କଲେ । ସେହିଦିନ ହିଁ ପୂଣ୍ୟପିତା ସୁସମାଚାର ପ୍ରସାରଣ ଆୟୋଗ (Congregation for the Evangelization of Peoples)ର ପରିଚାଳକ ଓ ପୂଣ୍ୟପିତାଙ୍କ ପୂଣ୍ୟ ମିଶନ ସଂସ୍ଥା ଗୁଡ଼ିକ (PMS) ସଂଘର ସଭାପତି କାର୍ଡ଼ିନାଲ ଫେର୍ଣ୍ଣାଣ୍ଡୋ ଫିଲୋନିଙ୍କୁ ଏହି ବିଷୟରେ ପତ୍ରଦ୍ୱାରା ଅବଗତ କରାଇଲେ । ଏହି ପତ୍ର ଦ୍ୱାରା ପୂଣ୍ୟପିତା ମଧ କାର୍ଡ଼ିନାଲଙ୍କୁ ପ୍ରତ୍ୟେକ ମଣ୍ଡଳୀ ସ୍ତରରେ, ଅଭିଷିକ୍ତ ଓ ଉତ୍ସର୍ଗୀତ ଅନୁଷ୍ଠାନ ଓ ପ୍ରେରିତିକ ସମ୍ପ୍ରଦାୟ ସମେତ ବିଭିନ୍ନ ସଂଘ ଓ ସଂଗଠନ, ଦଳ ଓ ଅନ୍ୟାନ୍ୟ ଧର୍ମସଂକ୍ରାନ୍ତିୟ ଆୟୋଗରେ ଏହାର ସଚେତନତା ଦେଇ ଏହି ଦିବସକୁ ପ୍ରସ୍ତୁତି କରିବା ପାଇଁ କହିଲେ ।

ଈଶ୍ୱରଙ୍କର ଦୀକ୍ଷିତ ଜନମଣ୍ଡଳୀଙ୍କଠାରେ ମଣ୍ଡଳୀ ପ୍ରତି ମିଶନ୍ କାର୍ଯ୍ୟର ବହ୍ନି ପ୍ରଜ୍ଜଳିତ କରିବାକୁ ଯାଇ ଏହି ସ୍ୱତନ୍ତ୍ର ବର୍ଷରେ ପୂଣ୍ୟପିତା ଫ୍ରାନ୍‌ସିସ୍ ନିମ୍ନ ଲିଖିତ ଶୀର୍ଷକ ପ୍ରଦାନ କଲେ: 'ଦୀକ୍ଷିତ ଓ ପ୍ରେରିତ:ପୃଥିବୀରେ ଖ୍ରୀଷ୍ଟ ମଣ୍ଡଳୀର ମିଶନ୍ କାର୍ଯ୍ୟ" । ବାସ୍ତବରେ, ବିଜାତୀୟଙ୍କ ନିକଟରେ ମିଶନ୍ କାର୍ଯ୍ୟଚେତନାକୁ ପୁର୍ନଜାଗ୍ରତ କରାଇବା (missio ad gentes) ଏବଂ ନୂତନ ଉତ୍ସାହର ସହିତ ସୁସମାଚାର ପ୍ରସାରଣ କରିବାର ଦାୟିତ୍ୱ ଆଦି ଶୀର୍ଷକ ପୂଣ୍ୟପିତା ବେନେଡ଼ିକ୍ଟ ପଞ୍ଚଦଶଙ୍କ ପାଳକୀୟ ପତ୍ର *Maximum Illud* ର ଆଲୋକପାତ ଯାହା ପୂଣ୍ୟପିତା ଫ୍ରାନ୍‌ସିସ୍‌ଙ୍କ *Evangelii Gaudium* ରେ ସ୍ଥାନ ପାଇଛି ।

କାର୍ଯ୍ୟବିଧି ଅଟେ । (EG:15) ଏହାର ଅର୍ଥ, ଯୀଶୁଙ୍କର ମିଶନ୍ କାର୍ଯ୍ୟକୁ ମଣ୍ଡଳୀର କେନ୍ଦ୍ରବିନ୍ଦୁ କରି ଏହି କାର୍ଯ୍ୟକୁ ମଣ୍ଡଳୀର ଗଠନ ପ୍ରଣାଳୀର ମାପକାଠି କରିବା, ମଣ୍ଡଳୀ କାର୍ଯ୍ୟର ଫଳାଫଳ, ମଣ୍ଡଳୀର ଯାଜକମାନଙ୍କର ନିଷ୍ଠାପରତା ଓ ଏଥିରୁ ଜାଗ୍ରତ ହେଉଥିବା ଆନନ୍ଦକୁ ବୁଝାଇଥାଏ । କାରଣ ଆନନ୍ଦ ବିହୁନେ ଆମେ କାହାରିକୁ ଆକୃଷ୍ଟ କରି ପାରୁନା । ଯୀଶୁଙ୍କର କୃଶବିଦ୍ଧ, ପୁନରୁର୍ଥାନ ଓ ମଣ୍ଡଳୀରେ ତାଙ୍କର ଜୀବିତ ରହିବା ଆମ୍ଭମାନଙ୍କର ବ୍ୟକ୍ତିଗତ ଓ ସାଂଗଠିକପରିବର୍ତନର ଉତ୍ସର୍ଗ ଅଟେ । ଏହି ପ୍ରକାରେ ପୃଥିବୀରେ ସୁସମାଚାର ଆଧାରିତ ଜୀବନ ଓ ପୁନରୁର୍ଥିତ ଜୀବନର ଆନନ୍ଦକୁ ପ୍ରଚାର ଓ ଖ୍ରୀଷ୍ଟିୟ ଜୀବନ ଦ୍ୱାରା ହିଁ ନବିକରଣର ଅନୁରାଗ ଓ ଆବେଗ ଆଣି ଦେଇ ପାରିବ । (Lk:24:46-49)

ଋରୋଟି ପଦକ୍ଷେପ:
ଏହି ୨୦୧୯ ସାଲ ଅକ୍ଟୋବର ମାସର ଅସାଧାରଣ ମିଶନାରୀ ମାସର ନିଷ୍ପତିକୁ ଅତି ପ୍ରଗାଢ଼ ଓ ଅର୍ଥପୂର୍ଣ୍ଣ ଭାବରେ ପାଳନ କରିବା ପାଇଁ ପୂଣ୍ୟପିତା ଋରୋଟି ପଦକ୍ଷେପ ପ୍ରସ୍ତାବ ଦିଅନ୍ତି :-

୧. ମଣ୍ଡଳୀରେ ଯୀଶୁଙ୍କର ଉପସ୍ଥିତିକୁ ବ୍ୟକ୍ତିଗତ ଭାବରେ ଅନୁଭବ କରିବା: ଦିବ୍ୟ ବଳିରେ, ପବିତ୍ର ବଚନରେ ତଥା ବ୍ୟକ୍ତିଗତ ଓ ସାମୁହୀକ ପ୍ରାର୍ଥନା ସମାରୋହରେ,

୨. ସାକ୍ଷ୍ୟ ଦ୍ୱାରା: ମିଶନାରୀ ସାଧୁ ସନ୍ଥଗଣ, ଧର୍ମ ଶହିଦ୍ ଓ ବିଶ୍ୱାସର ସାକ୍ଷ୍ୟକାରୀଙ୍କ ଦ୍ୱାରା ମଣ୍ଡଳୀ ସମଗ୍ର ପୃଥିବୀରେ ବିସ୍ତୃତ ଥିବାର ସୂଚନା ଦ୍ୱାରା,

୩. ମିଶନାରୀ ତାଲିମ୍ ଦ୍ୱାରା: ବାଇବଲ୍ ସମ୍ବନ୍ଧୀୟ ତାଲିମ୍, ଧର୍ମଶିକ୍ଷା ତାଲିମ୍, ଆଧ୍ୟାତ୍ମିକ ଓ ଦେବଶାସ୍ତ୍ର ସମ୍ବନ୍ଧୀୟ ତାଲିମ୍ ଦ୍ୱାରା, ଓ

୪. ମିଶନାରୀ ସେବା କାର୍ଯ୍ୟ ଦ୍ୱାରା ।ବିଶ୍ୱାସର

### ସମ୍ପ୍ରସାରଣ ଆୟୋଗ (ପ୍ରୋପାଗାଣ୍ଡା ଫିଦେ) ଓ ପୂଣ୍ୟପିତାଙ୍କ ମିଶନ ସଂସ୍ଥା

ମଣ୍ଡଳୀରେ ବିଶ୍ୱାସ ପ୍ରସାରଣ ପାଇଁ ପ୍ରୋତ୍ସାହନ, ସହଯୋଗିତା, ସୁସମାଚାର ପଋର କାର୍ଯ୍ୟକୁ ଦିଗ୍‌ଦର୍ଶନ ଯୋଗାଇବା ଉଦେଶ୍ୟରେ ବିଶ୍ୱାସର ସମ୍ପ୍ରସାରଣ ଆୟୋଗ (Propagation of the Faith) ୧୬୨୨ ସାଲରେ ପୂଣ୍ୟପିତା ଗ୍ରେଗରୀ ପଞ୍ଚଦଶଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ୧୯୬୭ ସାଲରେ ପୂଣ୍ୟପିତା ପାଉଲ ଷଷ୍ଠ ଏହି ଆୟୋଗର ପ୍ରେରିତିକ ସେବାର ବୈଧତାକୁ ଦୃଢ଼ତା ଦେବାକୁ ଯାଇ ତାହାର ନୂତନ ନାମକରଣ କଲେ ସୁସମାଚାର ପ୍ରସାରଣ ଆୟୋଗ (Congregation for the Evangelization of Peoples) । ଖ୍ରୀଷ୍ଟିୟ ବିଶ୍ୱାସର ବାସ୍ତବ ପ୍ରଭାବ ଚାଲି ରହୁଥିବା ସେବାକାର୍ଯ୍ୟ ଦ୍ୱାରା ହିଁ ଦେଖା ଯାଇଥାଏ । ଏହା ମଣ୍ଡଳୀର ପ୍ରତ୍ୟେକ ଦୀକ୍ଷିତଙ୍କ ସେବାକାର୍ଯ୍ୟର ସହଯୋଗରେ ବିଶ୍ୱର ସାର୍ବଜନୀନ ମେଷପାଳକ ପୂଣ୍ୟପିତାଙ୍କୁ ମିଶନ୍ କାର୍ଯ୍ୟରେ ସାହାର୍ଯ୍ୟ କରିଥାଏ । ପ୍ରାର୍ଥନା, ଆତ୍ମତ୍ୟାଗ, ମିଶନାରୀ ଆହ୍ୱାନ ଓ ଭୌତିକ ଅନୁଦାନ ଆଜି ପର୍ଯ୍ୟନ୍ତ ପୂଣ୍ୟପିତାଙ୍କର ମିଶନ ସଂସ୍ଥା ଗୁଡ଼ିକ (PMS)ର ଉତ୍ସର୍ଗୀତ କାର୍ଯ୍ୟକୁ ଜୀବନ୍ତ ରଖି ପାରିଛି ଯାହା ଊନବିଂଶ ଓ ବିଂଶ ଶତାବ୍ଦୀରେ ଅଣଯାଜକୀୟ ଓ ଯାଜକୀୟ ମିଶନ୍ କାର୍ଯ୍ୟ ପାଇଁ ପ୍ରତିଷ୍ଠିତ ହୋଇଥିଲା । ଆମ୍ଭମାନଙ୍କର ମିଶନ କାର୍ଯ୍ୟ ଓ ଏହାର ତାଲିମ୍ ପାଇଁ ଆବଶ୍ୟକ ହେଉଥିବା ବସ୍ତୁ ଉଭୟ ବିଶ୍ୱାସ ସମ୍ପ୍ରସାରଣ ସଂଘ (CEP) ଓ ପୂଣ୍ୟପିତାଙ୍କର ମିଶନ ସଂସ୍ଥା ଗୁଡ଼ିକ (PMS)ର ସଂଗ୍ରହ କରି ଅନବରତ ଯୋଗାଇ ଦେଇ ଆସୁଛନ୍ତି ଯେପରି ମଣ୍ଡଳୀର ସମସ୍ତଙ୍କଠାରେ ମିଶନ କାର୍ଯ୍ୟପ୍ରତି ସେମାନଙ୍କର ସଚେତନତା ଓ ଦାୟିତ୍ୱବୋଧତା ସାଧାରଣ ଖ୍ରୀଷ୍ଟ ଜନତାଙ୍କ ଜୀବନର ଏକ ଅଖଣ୍ଡ ଧାରା ହୋଇ ରହି ପାରିବ । (ପୂଣ୍ୟପିତା ଫ୍ରାନ୍‌ସିସ୍, ୧ ଜୁନ୍ ୨୦୧୮)ଏହି ପରିପ୍ରେକ୍ଷୀରେ, ଋରୋଟି ସଂଗଠନ ଯଥା ବିଶ୍ୱାସର ସମ୍ପ୍ରସାରଣ ସମିତି (PSPF), ଆଞ୍ଚଳିକ ଯାଜକ ଆହ୍ୱାନ ପ୍ରେରିତ ସାଧୁ ପିତର ସମିତି (PSSPA), ପୂଣ୍ୟପିତାଙ୍କ ପ୍ରେରିତ ଶିଶୁସଂଘ (MCA) ଓ ମିଶନାରୀ ଧର୍ମସଂଘ (PMU) ସମସ୍ତଙ୍କର ଏକ ସର୍ବସାଧାରଣ ଉଦେଶ୍ୟ ଏହି ଯେ, ଖ୍ରୀଷ୍ଟ ଜନତାଙ୍କଠାରେ ମିଶନାରୀ ମନୋଭାବର ବିକାଶ କରିବା । (RM:84)

ଧନ୍ୟ ପାଓଲିନ୍ ମେରି ଜାରିକୋଟଙ୍କ ଦ୍ୱାରା ୧୮୨୨

ସାଲରେ ଫ୍ରାନସ୍‌ରେ ଆରମ୍ଭ କରାଯାଇଥିବା ବିଶ୍ୱାସର ସମ୍ପ୍ରସାରଣ ଆୟୋଗ (PSPF), ଆଜି ପର୍ଯ୍ୟନ୍ତ ବିଶ୍ୱାସୀଙ୍କ ଜୀବନରେ ମିଶନ୍ କାର୍ଯ୍ୟ ନିମନ୍ତେ ପ୍ରାର୍ଥନା, ଆତ୍ମତ୍ୟାଗ, ଭୌତିକ ଅନୁଦାନ ପାଇଁ ପ୍ରୋତ୍ସାହନ ଯୋଗାଇବା ସଂଗେ ସଂଗେ ଦିବ୍ୟ ଆହ୍ୱାନ ପାଇନିଜର ଜୀବନକୁ ଉତ୍ସର୍ଗ କରି ବିଜାତୀୟଙ୍କ ନିକଟରେ (missio ad gentes) ସୁସମାଚାର ପ୍ରଚାର କାର୍ଯ୍ୟ ପାଇଁ ଇଚ୍ଛୁକ ଥିବା ପ୍ରାର୍ଥିଙ୍କ ପାଇଁ ସର୍ବଦା ଈଶ୍ୱରଙ୍କ ନିକଟରେ ଗୁହାରୀ କରେ।

ପୂଣ୍ୟପିତାଙ୍କ ମିଶନାରୀ ଶିଶୁ ସଂଘକୁ (MCA)୧୮୪୩ ମସିହାରେ ଅତି ମାନନୀୟ ଚର୍ଲସ ଅଗଷ୍ଟେ ଦେ ଫରବିନ୍-ଜାନସନ୍, ନାନ୍‌ସିର ଧର୍ମାଧ୍ୟକ୍ଷଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଫ୍ରାନସଠାରେ ଆରମ୍ଭ କରାଯାଇଥିଲା। ଏହି ପୂଣ୍ୟସଂଘ ସମଗ୍ର ପୃଥିବୀସ୍ଥ ପିଲାମାନଙ୍କୁ ନେଇ ସେମାନଙ୍କର ପ୍ରାର୍ଥନା ଓ ଅନୁଦାନ ଦ୍ୱାରା ଆବଶ୍ୟକ ପିଲାମାନଙ୍କୁ ବିଶ୍ୱାସ ଓ ସେବାର ସାହାଯ୍ୟ କରି ଆସୁଛି। ଏହି ପୂଣ୍ୟ ସଂଘର ଆଦର୍ଶ ଅଟେ – "ପିଲାମାନଙ୍କ ଦ୍ୱାରା ପିଲାଙ୍କୁ ସାହାର୍ଯ୍ୟ"।

ଆଞ୍ଚଳିକ ଯାଜକ ଆହ୍ୱାନ ପ୍ରେରିତ ସାଧୁ ପିତର ସମିତି (PSSPA) ଙ୍କ ସଂଘ ଜିନ୍ ଓ ଷ୍ଟେଫାନି ବିଗାର୍ଡ଼ ଙ୍କ ଦ୍ୱାରା ୧୮୮୯ ମସିହାରେ ଫ୍ରାନ୍‌ସର କେନ୍‌ଠାରେ ଅନୁଷ୍ଠାନ କରାଯାଇଥିଲା। ଏହି ଆୟୋଗ ସର୍ବଦା ମିଶନ୍ ନିମନ୍ତେ ପ୍ରାର୍ଥନା ଉତ୍ସର୍ଗ ଓ ଭୌତିକ ଅନୁଦାନ ଦ୍ୱାରା ମିଶନ୍ ଓ ତାର ସମସ୍ତ କାର୍ଯ୍ୟ କଳାପକୁ ସଂଯୋଗ କରେ । ବିଶେଷ କରି ଭବିଷ୍ୟତର ଯାଜକମାନଙ୍କର ତାଲିମ୍, ମିଶନ୍ ଅଞ୍ଚଳ ଲାଗି ସମର୍ପିତ ଜୀବନ ପାଇଁ ଇଚ୍ଛୁକ ଥିବା ପ୍ରାର୍ଥୀ ଓ ସେମାନଙ୍କର ତାଲିମ୍ ଦାତାଙ୍କର ଭରଣ ପୋଷଣ ପାଇଁ ଏହି ସଂଘ କାର୍ଯ୍ୟ କରିଥାଏ। ମିଶନାରୀ ଧର୍ମସଂଘ (PMU) ଟି ଜଣେ ବିଦେଶ ମିଶନାରୀ ନିମନ୍ତେ ପ୍ରେରିତିକ ଅନୁଷ୍ଠାନର ଧର୍ମ ଯାଜକ ଧନ୍ୟ ପାଉଲ ମାନ୍ନାଙ୍କ ଦ୍ୱାରା ଆରମ୍ଭ କରାଯାଇ ପୂଣ୍ୟପିତା ବେନେଡ଼ିକ୍ଟ ପଞ୍ଚଦଶଙ୍କ ଦ୍ୱାରା ୧୯୧୬ ମସିହାରେ ସ୍ୱିକୃତି ଲାଭ କରିଥିଲା। ଏହା ଅନ୍ୟ ତିନୋଟି ଆୟୋଗର କେନ୍ଦ୍ରସ୍ଥଳ ରୂପେ ବିଶ୍ୱାସ କରାଯାଏ ଏବଂ ଏହାର ମୁଖ୍ୟ ଲକ୍ଷ୍ୟ ଗୁଡ଼ିକ ଅଟେ ଯଥା- ମଣ୍ଡଳୀର ମିଶନ୍ କାର୍ଯ୍ୟ ପ୍ରତି ଆବେଗ ସୃଷ୍ଟି କରିବା, ମିଶନାରୀମାନଙ୍କ ତାଲିମ୍ ପାଇଁ ଅନୁଦାନ ଯୋଗାଇବା ଏବଂ ଖ୍ରୀଷ୍ଟିୟ ଗୋଷ୍ଠୀ ସମୂହ ମଧ୍ୟରେ ମିଶନ ସହଯୋଗିତାପାଇଁ ପ୍ରୋତ୍ସାହନ ଦେବା। ଏହା ମଧ୍ୟ ମିଶନ୍ ପାଇଁ ପ୍ରାର୍ଥନା ଓ ସୁସମାଚାର ପ୍ରସାରଣ କାର୍ଯ୍ୟରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରେ।

### ୨୦୨୨ ବର୍ଷ ମଣ୍ଡଳୀର ପ୍ରଚାର କାର୍ଯ୍ୟର ବାର୍ଷିକ ଉତ୍ସବ

୨୦୨୨ ସାଲରେ କେତେକ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ ଗୁଡ଼ିକ ପାଳିତ ହେବାକୁ ଯାଉଅଛି, ଯଥା- ସୁସମାଚାର ସମ୍ପ୍ରସାରଣ ଆୟୋଗର ୪୦୦ତମ ବାର୍ଷିକୀ, ବିଶ୍ୱାସ ସମ୍ପ୍ରସାରଣ ମିଶନ୍ ଆୟୟୋଗର ୨୦୦ତମ ବାର୍ଷିକୀ ତଥା PSPF, MCA ଓ PSSPA ପ୍ରଥମ ତିନୋଟି ମିଶନ ଅୟୋଗର ପ୍ରେରିତିକ ଓ ସାର୍ବଜନୀନ ମାନ୍ୟତା ପ୍ରାପ୍ତିର ଏକଶତ ତମ ବାର୍ଷିକୀ। ଏହି ବାର୍ଷିକୀଗୁଡ଼ିକ ଦୈବକୃତ ସଂଗତ କାରଣ ଏହା ଖ୍ରୀଷ୍ଟ ଜନତାଙ୍କ ଦିକ୍ଷାସ୍ନାନର ପ୍ରତିଶ୍ରୁତି ଗୁଡ଼ିକକୁ ସଚେତନତା ଓ ଜୀବନ୍ତ ରଖିବାର ଅନୁକୂଳ ପରିବେଶ ଆଣିଦେବ । ଯଦି ବିଶ୍ୱାସ ମିଶନର ସଂଙ୍କଟ ଅଟେ ତେବେ ମଣ୍ଡଳୀର ପରିପକ୍ୱ ବିଶ୍ୱାସ ହିଁ ସମସ୍ତଙ୍କୁ ଓ ସମସ୍ତ ବିଷୟକୁ ଖ୍ରୀଷ୍ଟଙ୍କ ଆଡ଼କୁ ଆକର୍ଷଣ କରି ପାରିବ। ସୁତରାଂ, ଆସନ୍ତା ଅସାଧାରଣ ମିଶନାରୀ ମାସଟି ବାସ୍ତବରେ ବିଶ୍ୱାସ, ପ୍ରାର୍ଥନା, ମନନ-ଚିନ୍ତନ ଓ ସେବା କାର୍ଯ୍ୟର ପ୍ରତିଶ୍ରୁତି ବନ୍ଧକ ଏକ ଦୁଃସାହସିକ କାର୍ଯ୍ୟର କେବଳ ଆରମ୍ଭ ମାତ୍ର କାରଣ ଏହି ଅସାଧାରଣ ବର୍ଷ ଘୋଷଣା କରିବା ଦ୍ୱାରା ଏହି ସମସ୍ତ କାର୍ଯ୍ୟବିଧିର ପରିସମାପ୍ତି ନୋହାଇ ଏକ ଉପଯୁକ୍ତ ଢ଼ଙ୍ଗରେ ନୂତନ ଭାବଧାରା ଓ ଉତ୍ସର୍ଗ ମନୋବଳ ନେଇ ବିଜାତୀୟଙ୍କ ନିକଟରେ ମଣ୍ଡଳୀର ମିଶନାରୀ ଗୁଣକୁ ଆଦର୍ଶ ରୂପେ ଉପସ୍ଥାପନ କରିବ।

For more information contact us at:
PONTIFICAL MISSION ORGANIZATIONS (INDIA)
No. 10, 3rd Cross, Ulsoor Road, Bangalore - 560042, Karnataka, INDIA.
Tel: +91 80 2558 5946
Email: pmorgbindia@gmail.com, Website: www.pmoinindia.org

